# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 January - 2025**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ପାଣିପାଗ ବିଜ୍ଞାନରେ ପ୍ରଗତି ହେଲେ ଦେଶର ପ୍ରାକୃତିକ ବିପର୍ଯ୍ୟୟ କ୍ଷତି ହ୍ରାସ ହୋଇପାରିବ; କହିଲେ ପ୍ରଧାନମନ୍ତ୍ରୀ
- ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ
- ଧାର୍ମିକ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପୁରୀ ଶ୍ରୀମନ୍ଦିର ସମେତ ବିଭିନ୍ନ ଦେବାଳୟରେ ପାଳିତ ହେଉଛି ମକର ସଂକ୍ରାନ୍ତି ପର୍ବ

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆଜି  ଟିମ୍ ଗୋନାସିକା ଏବଂ ସୁରମା ହକି କ୍ଲବ୍ ମଧ୍ୟରେ  ଖେଳାଯିବ ମ୍ୟାଚ

— ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ବର୍ତ୍ତମାନ ଚାଲିଛି ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ସାର୍ଚି ରାର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍

## ସ୍ଥାପନା ଦିବସ-ଆଇ.ଏମ୍.ଡି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଭାରତୀୟ ପାଣିପାଗ ବିଭାଗର ୧୫୦ତମ ସ୍ଥାପନା ଦିବସ ଅବସରରେ ଆୟୋଜିତ ସମାରୋହରେ 'ମିଶନ ପାଣିପାଗ'ର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଇ.ଏମ୍.ଡି. ଭିଜନ-୨୦୪୭ ଦସ୍ତାବିଜ୍ ଏବଂ ୧୫୦ତମ ସ୍ଥାପନା ଦିବସର ଏକ ସ୍ମାରକୀ ମୁଦ୍ରା ଜାରି କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତକୁ ଏକ ଜଳବାୟୁ-ସ୍ମାର୍ଟ ଦେଶରେ ପରିଣତ କରିବାର ଲକ୍ଷ୍ୟ ରଖି ମିଶନ ପାଣିପାଗର ଆରମ୍ଭ କରାଯାଇଛି। ପାଣିପାଗ ବିଜ୍ଞାନରେ ପ୍ରଗତି ହେଲେ ଦେଶକୁ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷତି ହ୍ରାସ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -** *(PM)*

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇ ଆଜି ପାଟଣା ବୈତରଣୀ ନଦୀରେ ମକର ବୁଡ଼ ଦେଇଛନ୍ତି ଓ ବିଭିନ୍ନ ଶୈବ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଝୁମ୍ପୁରାରେ ଏକ ସେତୁର ଶୁଭ ଉଦ୍‌ଘାଟନ କରିଛନ୍ତି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନାର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ବଡ଼ବିଲ ମହୋତ୍ସବ ରୌପ୍ୟ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଗୁରୁବାର ଦିନ

ଏକ ସାମାଜିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାମିଲ ହେବାର କାର୍ଯ୍ୟସୂଚୀ ରହିଛି ।

## 'ଯୁବ ନେତୃତ୍ୱ ସାକ୍ଷାତକାର-୨୦୨୫'

ଓଡ଼ିଆ ଯୁବପିଢ଼ିମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର କୁଶଳ ବିଧାଣି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ବିକଶିତ ଭାରତ 'ଯୁବ ନେତୃତ୍ୱ ସାକ୍ଷାତକାର-୨୦୨୫'ରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଯୁବବନ୍ଧୁମାନଙ୍କ ସହ ଆଲୋଚନା କରି ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାକୁ ବିକଶିତ କରିବା ପାଇଁ ସମସ୍ତ ଯୁବବର୍ଗଙ୍କ ମଧ୍ୟରେ ଥିବା ଇଚ୍ଛାଶକ୍ତି ଏବଂ ଏକାଗ୍ରତା ପ୍ରଶଂସନୀୟ । ନିର୍ଭରତାରୁ -ଆତ୍ମନିର୍ଭରତା, ସ୍ୱାଭିମାନ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପଡିବ । ନିଯୁକ୍ତି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହେବା ପାଇଁ କେନ୍ଦ୍ରମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି ।

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ରବିବାର ପୂର୍ବାହ୍ନ ୧୧ ଟାସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ । ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

ରାଜ୍ୟର ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଦିଲ୍ଲୀରୁ ଫେରି ଭୁବନେଶ୍ୱର ବିମାନ ବନ୍ଦରରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀ ଓ ଯୋଗଶିକ୍ଷକ କାର୍ଯ୍ୟ କରିବା ସହ ପୂର୍ଣ୍ଣ ଭିତ୍ତିଭୂମି ରହିବ। ଯାହା ଫଳରେ ଲୋକମାନେ ପୂର୍ଣ୍ଣାଙ୍ଗ ଚିକିତ୍ସା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତକାଲି ନୂଆଦିଲ୍ଲୀରେ ରାଜ୍ୟରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କାର୍ଯ୍ୟାନ୍ୱୟନପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ମକର ସଂକ୍ରାନ୍ତି

ପବିତ୍ର ମକର ସଂକ୍ରାନ୍ତି ଅବସରରେ ବିଭିନ୍ନ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି। ଆଜିଠାରୁ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିରେ ପ୍ରବେଶ କରିଥାନ୍ତି। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ଏହି ପବିତ୍ର ଦିନରେ ଶ୍ରୀଜୀଉଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଉତ୍ତରାୟଣ ଯାତ୍ରା ବା ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଥାଏ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ୍‌ପାଟି ମକର ସଂକ୍ରାନ୍ତି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ବୌଦ୍ଧ**ର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ଆଜି ତିନିଠାକୁରଙ୍କ ନବାଙ୍କ ବେଶ ମକର ଚୌରାଶି ବେଶ ଅନୁଷ୍ଠିତ ହୋଇଛି। ଜିଲ୍ଲାର ଚାରି ଶମ୍ଭୁପୀଠ, ରାମେଶ୍ୱର ପୀଠ, କେଦାରେଶ୍ୱର ପୀଠ ଆଦି ମନ୍ଦିରମାନଙ୍କରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସେହିପରି ଜିଲ୍ଲାର ପଲ୍‌ସାଗୁଡ଼ାଠାରେ ଆଜିଠାରୁ ୩ ଦିନିଆ ମକର ମେଳା ଆରମ୍ଭ ହୋଇଛି।

**ଖୋର୍ଦ୍ଧା** ଜିଲ୍ଲାର ବାଘମାରୀ ଅତ୍ରିଠାରେ ହଟକେଶ୍ୱର ଦେବ ପୀଠରେ ମକରମେଳା ଅନୁଷ୍ଠିତ ହେଉଛି। ଶ୍ରଦ୍ଧାଳୁମାନେ ଅତ୍ରି ଉଷ୍ମ ପ୍ରଶ୍ରବଣରେ ସ୍ନାନ କରି ପ୍ରଭୁ ହଟକେଶ୍ୱରଙ୍କୁ ଦର୍ଶନ କରିଥାନ୍ତି।

ଏହି ମକର ମେଳା ୧୫ ଦିନ ଧରି ଚାଲିବ। ଚିଲିକା ମଧ୍ୟରେ ଥିବା ମା' କାଳିଜାଈଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହେଉଛି। ମକର ମେଳା ଦେଖିବାକୁ ଗଞ୍ଜାମ, ପୁରୀ ଓ ନୟାଗଡ଼ ଜିଲ୍ଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

**ଗଜପତି** ଜିଲ୍ଲାର ପାରଳାଖେମୁଣ୍ଡି ସହର ସମେତ କାଶୀନଗର ଓ ଗୋଷାଣୀ ବ୍ଲକ୍ ଅଞ୍ଚଳରେ ମକର ପର୍ବ ସହ ତେଲୁଗୁ ଭାଷାଭାଷୀ ଲୋକମାନେ ପୋଙ୍ଗଲ ପର୍ବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରୁଛନ୍ତି।

**ନୟାଗଡ଼** ଜିଲ୍ଲା ଅନ୍ତର୍ଗତ ଭାପୁର ବ୍ଲକର ବେଗୁନିଆ, ରଣପୁର ବ୍ଲକ୍‌ର ଶ୍ୟାମଘନପୁର, ଖଣ୍ଡପଡା ବ୍ଲକ୍‌ର ତେନ୍ତୁଳିଆପଲୀ ଆଦି ଗ୍ରାମଗୁଡ଼ିକରେ ମକର ମେଳା ଅନୁଷ୍ଠିତ ହେଉଛି। ସେହିଭଳି ଜିଲ୍ଲାର କଣ୍ଟିଲୋ ନୀଳମାଧବ, ଶରଣକୁଳ ଲଡୁବାବା, ନୟାଗଡ଼ ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି ଅବସରରେ ସ୍ୱତନ୍ତ୍ର ପୂଜାନୀତି ହୋଇଛି।

**ମାଲକାନଗିରି** ଜିଲ୍ଲା ସଦର ମହକୁମା ସ୍ଥିତ ସୁଭାଷ ବୋଷ ଛକଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ସଂଘର କର୍ମକର୍ତ୍ତା ଏବଂ ସାଧାରଣ ଲୋକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ମକର ସଂକ୍ରାନ୍ତି ପାଳନର ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ।

## ବନକଲାଗି ନୀତି

ମାଘ କୃଷ୍ଣ ଦ୍ୱିତୀୟା ତିଥି ଅବସରରେ ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିନିମନ୍ତେ ଆପାତତଃ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ

ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ବନକଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ କରାଯିବ।

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ପୁରୀର ଆନ୍ତର୍ଜାତିକ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ବୁର୍ଲା ଭୀମସାର ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରଦୀପ କୁମାର ମହାନ୍ତିଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ମିଳିଛି। ରାଷ୍ଟ୍ରପତିଙ୍କଠାରୁ  ନିମନ୍ତ୍ରଣ ମିଳିଥିବାରୁ ଉଭୟ ଖୁସି ବ୍ୟକ୍ତ କରିଛନ୍ତି।

## ବ୍ୟାସକବି-ଜୟନ୍ତୀ

ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ତଥା ସାଂସ୍କୃତିକ ଜାଗରଣର ଅଗ୍ରଦୂତ ବ୍ୟାସକବି ଫକୀରମୋହନ ସେନାପତିଙ୍କ  ୧୮୨ତମ ଜୟନ୍ତୀ ସମାରୋହ ଆଜି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ହେଉଛି।

**ଭଦ୍ରକ** ସହର ଗବସାହି ବିଷୁବ ପରିଷଦ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟକୃତି ଓ ସାରସ୍ୱତ ସାଧନା ଉପରେ ଆଲୋକପାତ କରିଥିଲେ।

## ପଦ୍ମସମ୍ଭବ ମହାସମାରୋହ

**ଯାଜପୁର**ର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଲାଇଟ୍ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ ପକ୍ଷରୁ ଗୁରୁ ପଦ୍ମସମ୍ଭବ ମହାସମାରୋହ ଅନୁଷ୍ଠିତ ହୋଇଛି । ରତ୍ନଗିରି ପୀଠରେ ବୌଦ୍ଧ ଧର୍ମାବଲମ୍ବୀମାନେ ତ୍ରିପୀଟକ ପାଠ ସହ ଧ୍ୟାନ ଓ ପ୍ରାର୍ଥନା କରିଛନ୍ତି । ପ୍ରାୟ ୧୭ଟି ଦେଶରୁ ଆସିଥିବା ବୌଦ୍ଧ ସନ୍ନ୍ୟାସୀମାନେ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ସାମୁହିକ ପ୍ରାର୍ଥନା କରିଛନ୍ତି ।

## କଳିଙ୍ଗ ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ସରକାରୀ ଆଇଟିଆଇଠାରେ ଦୁଇଦିନିଆ କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କଳିଙ୍ଗ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ଅତୀତର କଳା, ସଂସ୍କୃତି ଓ ଐତିହ୍ୟକୁ ପୁନଃଜୀବିତ କରିବା କ୍ଷେତ୍ରରେ ଏପରି ପ୍ରୟାସ ପ୍ରଶଂସନୀୟ ବୋଲି କହିଛନ୍ତି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ଟିମ୍ ଗୋନାସିକା ଓ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ହେବ ।

ସେହିପରି ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତାରେ ଆଜି ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ସାର୍ଚି ରାର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଖେଳ ଜାରି ରହିଛି । ।

*********************************